| | |
|---|---|
| 1 | ବର୍ତ୍ତମାନର ପାଗରେ ଧାନରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯାଏ । ଏହାର ନିୟନ୍ତ୍ରଣ ପାଇଁ ପ୍ରଥମେ ଏକର ପିଛା ୧୦ ଗୋଟି ଫେରୋମୋନ ଟ୍ରାପ ଲଗାନ୍ତୁ । ପୋକ ସଂଖ୍ୟା ଅଧିକ ହେଲେ ଲିଟର ପିଛା ୫ ମି.ଲି. ଇଣ୍ଡୋକ୍ସାକାର୍ବ ମିଶାଇ ସିଂଚନ କରନ୍ତୁ । |
| | Total No of Farmer : - 7145 Advisory Date :-4/4/2018 3:30:14 PM |
| 2 | ଭେଣ୍ଡିରେ ସାହେବୀ ରୋଗ ଦେଖାଦେଲେ ରୋଗାକ୍ରାନ୍ତ ଗଛକୁ ଓପାଡି ଦିଅନ୍ତୁ ଓ ଏକର ପିଛା ୬୦ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| | Total No of Farmer : - 4835 Advisory Date :-4/4/2018 3:33:08 PM |
| 3 | ଆମ୍ବ ଟାକୁଆରେ ଉକୁଣିଆ ପୋକର ନିରାକରଣ ପାଇଁ ମାଲାଥିଅନ ପ୍ରତି ଲିଟର ପାଣିରେ ୨ ମି.ଲି. ମିଶାଇ ସିଞ୍ଚନ କରନ୍ତୁ । |
| | Total No of Farmer : - 4846 Advisory Date :-4/12/2018 2:12:38 PM |
| 4 | ତାପମାତ୍ରା ବଢୁଥିବା ହେତୁ ମାଛ ମାନଙ୍କର ଓଜନର ୨ ପ୍ରତିଶତ ଖାଦ୍ୟ ବୃଦ୍ଧି କରନ୍ତୁ । |
| | Total No of Farmer : - 1046 Advisory Date :-4/12/2018 2:19:01 PM |
| 5 | ଫାଟୁଆ ରୋଗର ପ୍ରତିଷେଧକ ପାଇଁ ଗାଇଗୋରୁ ମାନଙ୍କୁ ଟୀକା ଦେବାର ବନ୍ଦୋବସ୍ତ କରନ୍ତୁ । |
| | Total No of Farmer : - 3221 Advisory Date :-4/12/2018 2:27:37 PM |
| 6 | ପିଆଜରେ ପତ୍ର ଉକୁଣି ଲାଗିବାର ସମ୍ଭାବନା ଥାଏ । ଆର୍ଥିକ ସୀମାରେଖା ଉପରେ ଥିଲେ ପ୍ରତି ଲିଟର ପାଣିରେ ୫ ମି.ଲି. ମଲ୍ଟିନିମ୍ ସିଞ୍ଚନ କରନ୍ତୁ । ଧଳା ମାଛି ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ଗ୍ରାମ୍ ଡାୟାଫେନଥୀରୋନ ସିଞ୍ଚନ କରନ୍ତୁ । |
| | Total No of Farmer : - 4845 Advisory Date :-4/17/2018 2:54:28 PM |
| 7 | କୁକୁଡା ବସନ୍ତର ପ୍ରତିଷେଧକ ପାଇଁ କୁକୁଡ଼ା ମାନଙ୍କୁ ଟୀକା ଦେବାର ବନ୍ଦୋବସ୍ତ କରନ୍ତୁ । |
| | Total No of Farmer : - 3220 Advisory Date :-4/17/2018 3:03:08 PM |
| 8 | ସାହେବି ରୋଗରୁ ମୁକ୍ତି ପାଇବା ନିମନ୍ତେ ଭେଣ୍ଡି ମଞ୍ଜି ବୁଣିବା ସମୟରେ କାର୍ବୋଫ୍ୟୁରନ ଏଫ, ୧୦କି.ଗ୍ରା./ ଏକର ହିସାବରେ ମାଟିରେ ମିଶାଇଲେ ସଂକ୍ରମଣ କମିଥାଏ. |
| | Total No of Farmer : - 4834 Advisory Date :-4/26/2018 12:12:17 PM |
| 9 | ମାଟିଆଗୁଣ୍ଡି ପୋକ ନିୟନ୍ତ୍ରଣ ପାଇଁ ଏକର ପ୍ରତି ଫ୍ଲୋନିକମାଇଡ ୬୦ଗ୍ରାମ/ ଡ଼ାଇନୋଟେଫୁରାନ ୮୦ଗ୍ରାମ/ପାଇମେଟରୋଜିନ ୧୨୦ଗ୍ରାମ ହିସାବରେ ହସ୍ତଚାଳିତ ସିଞ୍ଚନ ଯନ୍ତ୍ରରେ ୨୦୦ଲି. ଓ ଶକ୍ତିଚାଳିତ ସିଞ୍ଚନ ଯନ୍ତ୍ରରେ ୬୦ଲି. ହିସାବରେ ମିଶାଇ ସ୍ପ୍ରେ କରନ୍ତୁ |
| | Total No of Farmer : - 7130 Advisory Date :-4/26/2018 11:47:18 AM |
| 10 | ମୌସୁମୀ ବର୍ଷା ପୂର୍ବରୁ ଚାଷ ଜମିରୁ ନମୁନା ମୃତିକା ସଂଗ୍ରହ କରି ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ବିଭାଗରେ ପରିକ୍ଷ୍ୟା କରି ମୃତିକା କାର୍ଡ ସଂଗ୍ରହ କରନ୍ତୁ. |
| | Total No of Farmer : - 7142 Advisory Date :-5/2/2018 10:02:09 AM |
| 11 | ଭେଣ୍ଡି ଫସଲରେ ଧଳା ମାଛିର ଦମନ ନିମନ୍ତେ ହେକଟର ପ୍ରତି ୧୦ ଟି ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ. |
| | Total No of Farmer : - 4845 Advisory Date :-5/2/2018 9:59:15 AM |
| 12 | ଅଧିକ ତାପମାତ୍ରାରେ କୁକୁଡ଼ାମାନଙ୍କୁ ଧଳା ଝାଡା ହେଉଥିଲେ ବା ଘୁମାଉଥିଲେ ଟେଟ୍ରାସାଇକଲୋନ ୫୦୦ ମିଲି ଗ୍ରାମ ୧/୨ ପାଣିରେ ମିଶାଇ ପିଇବାକୁ ଦିଅନ୍ତୁ. |
| | Total No of Farmer : - 3220 Advisory Date :-5/2/2018 9:56:23 AM |
| 13 | ମାଛ ଚାଷ ପାଇଁ ଯେଉଁ ପୋଖରୀରେ ପାଣି ଶୁଖିପାରୁ ନାହିଁ ସେ ସବୁ ପୋଖରୀରୁ ଦଳ ବାହାର କରି ଦିଅନ୍ତୁ କିମ୍ବା ପୋଖରୀରେ ଗ୍ରାସ କାର୍ପ କିମ୍ବା ଦଳ ଖିଆ ମାଛ ଛାଡି ଦିଅନ୍ତୁ. |
| | Total No of Farmer : - 1045 Advisory Date :-5/17/2018 11:30:15 AM |

| | |
|---|---|
| 14 | ଆମ୍ବ ବଗିଚାରେ କଳା ଫିମ୍ପି ରୋଗ ଆମ୍ବ ଡାହାଣୀ ଦ୍ଵାରା ବ୍ୟାପିଥାଏ. ଏହାର ନିରାକରଣ ପାଇଁ ଗଛରେ ମାଙ୍କଜ଼ଏବ୍ଜ ୩ ଗ୍ରାମ ପ୍ରତି ଲିଟର ପାଣିରେ ସ୍ପ୍ରେ କରନ୍ତୁ. |
| | Total No of Farmer : - 4845 Advisory Date :-5/17/2018 11:44:04 AM |
| 15 | ବର୍ତମାନ ପାଳଛତୁ ଚାଷ କରୁଥିଲେ ଛତୁ ଘରର ଚାରି ପାର୍ଶ୍ଵରେ ପାଣି ସ୍ପ୍ରେ କରିବା ସହ ତଳେ ବାଲି ପକାଇ ପାଣି ଦେଲେ ଛତୁ ଘରର ଜଳୀୟ ବାଷ୍ପ ଓ ତାପମାତ୍ରା ନିୟନ୍ତ୍ରଣ କରାଯାଇପାରିବ. |
| | Total No of Farmer : - 4845 Advisory Date :-5/19/2018 10:39:32 AM |
| 16 | ଅମୃତଭଣ୍ଡା ଗଛ ମୂଳ ସଢା ରୋଗ ଦେଖାଦେଲେ ଗଛ ମୂଳରେ ୨ ଗ୍ରାମ ପ୍ରତି ଲିଟର ହିସାବରେ ମେଟାଲାକସିଲ + ମାଙ୍କଜେବ ପ୍ରୟୋଗ କରନ୍ତୁ. |
| | Total No of Farmer : - 4834 Advisory Date :-5/21/2018 12:20:20 PM |
| 17 | ଚାଷୀ ଭାଇମାନେ ଜମିକୁ ଖରାଟିଆ ଚାଷ କରନ୍ତୁ. ଏହାଦ୍ଵାରା ଜମିରେ ଲୁଚି ରହିଥିବା ପୋକର ଶୁକ୍ର ଓ ଅଣ୍ଡା ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସି ନଷ୍ଟ ହୋଇଯାନ୍ତି. |
| | Total No of Farmer : - 7141 Advisory Date :-5/21/2018 12:28:09 PM |
| 18 | ଛେଳିମେଣ୍ଢାଙ୍କ ଠାରେ ଅନଶୁ ଘାତର ଲକ୍ଷଣ ଦେଖାଗଲେ ପଛ ଦୁଇ ଗୋଡ ଓ ଲୋମ କମ ଥିବା ଅଂଶରେ ଥଣ୍ଡା ପାଣି ଢ଼ାଳିବା ଉଚିତ. |
| | Total No of Farmer : - 3220 Advisory Date :-5/21/2018 1:56:13 PM |
| 19 | ଖରାଦିନେ ପୋଖରୀକୁ ଭଲ ଭାବେ ପ୍ରସ୍ତୁତ କରି ଯାଆଁଳା ଛାଡିବାର ୩ ସପ୍ତାହ ପୂର୍ବରୁ ମହୁଲ ପିଡିଆ ୨୫୦୦କି.ଗ୍ରା./ ହେ. ହିସାବରେ ପ୍ରୟୋଗ କରି ଶିକାରୀ ଓ ଅଦରକାରୀ ମାଛର ନିରାକରଣ କରନ୍ତୁ. |
| | Total No of Farmer : - 1407 Advisory Date :-6/1/2018 4:32:14 PM |
| 20 | ୧କି.ଗ୍ରା. ସୋଡିଅମ ବାଇକାର୍ବୋନେଟ ୧ଟନ କୁକୁଡ଼ା ଖାଦ୍ୟରେ ମିଶାଇ ଦେଲେ ହିଟଷ୍ଟ୍ରୋକ କମିବା ସହିତ ଅଣ୍ଡା ଖୋଳ ମୋଟା ହୋଇଥାଏ. |
| | Total No of Farmer : - 3646 Advisory Date :-6/1/2018 4:37:50 PM |
| 21 | ବର୍ଷାଶ୍ରିତ ସ୍ଵଳ୍ପ ଖାଲୁଆ ଜମି ଯେଉଁଠାରେ ଧାନ ସିଧା ବୁଣାଯାଏ ସେଠାରେ ଶେଷ ଓଡ ଚାଷ ସାରି ଦିଅନ୍ତୁ. ଶେଷ ଓଡ ଚାଷ ସମୟରେ ଗୋବର ଖତ ପ୍ରତି ଏକର ପିଛା ୮ କୁଇଣ୍ଟାଲ ହିସାବରେ ପ୍ରୟୋଗ କରନ୍ତୁ. |
| | Total No of Farmer : - 8198 Advisory Date :-6/1/2018 4:47:35 PM |
| 22 | ମଧ୍ୟମ ଖାଲୁଆ ଜମି ପାଇଁ ଧାନ କିସମ ଗାୟତ୍ରୀ, ଶାରଳା, ଉପହାର, ବର୍ଷାଧାନ ଓ ଦୁର୍ଗା ବ୍ୟବହାର କରନ୍ତୁ. ଖାଲୁଆ ଜମି ନିମନ୍ତେ ଜଳମଣୀ, ଜୟନ୍ତିଧାନ, ସି.ଆର.ଧାନ-୫୦୦, ସି.ଆର.ଧାନ-୫୦୫ ବ୍ୟବହାର କରନ୍ତୁ. |
| | Total No of Farmer : - 8197 Advisory Date :-6/6/2018 9:49:03 AM |
| 23 | ଗାଇଗୋରୁ ମାନଙ୍କର ସାହାଣ ବା ଗଳାଫୁଲା ରୋଗର ପ୍ରତିକାର ନିମନ୍ତେ ବର୍ଷା ଦିନ ଓ ଶୀତ ଦିନର ୧୫ ଦିନ ଆଗରୁ ପ୍ରତି ବର୍ଷ ଟୀକା ଦେବା ଉଚିତ. |
| | Total No of Farmer : - 3646 Advisory Date :-6/6/2018 10:37:50 AM |
| 24 | ଉଚ୍ଚା ଜମି ପାଇଁ ସହଭାଗୀଧାନ, ସତ୍ୟଭାମା, ଅନ୍ନଦା, ଖଣ୍ଡଗିରି, ଉଦୟଗିରି, ସିଦ୍ଧାନ୍ତ, ବନ୍ଦନା, ଅଞ୍ଜଳି ଆଦି କିସମ ବ୍ୟବହାର କରନ୍ତୁ. ବିହନ ସର୍ବଦା ଗବେଷଣା ଅନୁଷ୍ଠାନ, କୃଷି ବିଶ୍ଵ ବିଦ୍ୟାଳୟ ଓ କୃଷି କାର୍ଯ୍ୟାଳୟରୁ ସଂଗ୍ରହ କରନ୍ତୁ. |
| | Total No of Farmer : - 8197 Advisory Date :-6/7/2018 12:17:05 PM |
| 25 | ଧାନ କିସମ ସ୍ଵର୍ଣ୍ଣ, ପୂଜା, ସି.ଆର. ଧାନ-୩୦୦, ସୁମିତ, ପ୍ରତିକ୍ଷ୍ୟା, ରାଣୀଧାନ, ସି.ଆର. ଧାନ-୪୦୭ ବର୍ଷାଶ୍ରିତ ସ୍ଵଳ୍ପ ଖାଲୁଆ ଜମିରେ ବ୍ୟବହାର କରନ୍ତୁ. |
| | Total No of Farmer : - 8198 Advisory Date :-6/11/2018 3:13:47 PM |

| | |
|---|---|
| 26 | ବିହନକୁ ବୁଣିବା ପୂର୍ବରୁ ପ୍ରତି ୧ କି.ଗ୍ରା. ବିହନକୁ ୧.୫ ଗ୍ରାମ ହିସାବରେ କାରବେଣ୍ଡଜ଼ୀମ ୨୫ ଡବ୍ଲୁ.ପି.ରେ ବିଶୋଧନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ୨୦ x ୧୫ ସେ.ମି. ବ୍ୟବଧାନରେ ସିଧା ବୁଣା କରି ଦିଅନ୍ତୁ. |
| | Total No of Farmer : - 8199 Advisory Date :-6/12/2018 9:07:38 AM |
| 27 | କଖାରୁରେ ଫଳମାଛି ଦମନ ପାଇଁ ବିଷ ଥୋପ (୧୦ ଲିଟର ପାଣିରେ ୨୦୦ ଗ୍ରାମ୍ ଗୁଡ ଓ ୨୦ ମି.ଲି. ଡାଇକ୍ଲୋରୋଭସ୍ ମିଶାଇ) ଜମିରେ ରଖନ୍ତୁ. |
| | Total No of Farmer : - 5532 Advisory Date :-6/12/2018 9:17:53 AM |
| 28 | ଜମିରେ ବାଲୁଙ୍ଗା ଦମନ, ମାଟିରେ ଥିବା କୀଟ ପତଂଗ ତଥା ଏମାନଙ୍କର ଅଣ୍ଡା ଏବଂ ମାଟିର ଉର୍ବରତା ବଢାଇବା ପାଇଁ ଖରାଟିଆ ଜମି ପ୍ରସ୍ତୁତି ଭଲ ଭାବରେ କରି ଦିଅନ୍ତୁ. |
| | Total No of Farmer : - 8198 Advisory Date :-6/19/2018 5:25:58 PM |
| 29 | ପୋଟଳର ଚେର ସଢ଼ା ରୋଗର ଦମନ ପାଇଁ ୧୦ ଗ୍ରାମ ପ୍ଲାନଟୋମାଇସିନ ସହିତ ୨୦ ଗ୍ରାମ ବ୍ଲାଇଟକସ-୫୦ ଦଶ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 5521 Advisory Date :-6/20/2018 4:10:22 PM |
| 30 | ଜୁନ ଚତୁର୍ଥ ସପ୍ତାହରେ ମୌସୁମୀ ପୁର୍ଣ ସକ୍ରିୟ ହେଉଥିବାରୁ ଧାନର ତଳିଘରା ପ୍ରସ୍ତୁତ କରିଦିଅନ୍ତୁ. ଯଦି ତଳିଘରା ପ୍ରସ୍ତୁତି ହୋଇ ସାରିଛି, ତେବେ ଜମିର ଅବସ୍ଥାକୁ ଦେଖି ଜଳସେଚନ କରନ୍ତୁ. |
| | Total No of Farmer : - 8199 Advisory Date :-6/20/2018 4:50:00 PM |
| 31 | ରୁଆ ଧାନ ପାଇଁ ପ୍ରାକ ମୌସୁମୀ ବର୍ଷା ହେବା ପରେ ଶୁଖିଲା ତଳି ଘରା ପ୍ରସ୍ତୁତ କରନ୍ତୁ. ରୁଆ ଧାନ ହେଉଥିବା ଅଂଚଳରେ ହେକଟର ପିଛା ୨୦-୨୫ କେ.ଜି. ହିସାବରେ ଧନିଚା ବୁଣି ଦିଅନ୍ତୁ. |
| | Total No of Farmer : - 8197 Advisory Date :-6/26/2018 4:15:47 PM |
| 32 | କାକୁଡି ଓ କଲରା ଫସଲରେ ଫଳ ମାଛିର ଦମନ ପାଇଁ ୨ ମି.ଲି.ସେଭିନ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 5531 Advisory Date :-6/28/2018 11:44:07 AM |
| 33 | ବର୍ଷାଦିନେ ଛେଳିମାନେ ପି.ପି.ଆର. ରୋଗରେ ଆକ୍ରାନ୍ତ ହୋଇଥାନ୍ତି. ରୋଗର ଲକ୍ଷଣ ପତଳା ଝାଡା ଓ ନିମୋନିଆ. ତେଣୁକରି ଚାଷୀମାନେ ବର୍ଷାଦିନ ପୂର୍ବରୁ ଛେଳିମାନଙ୍କୁ ପ୍ରତିଷେଧକ ଟୀକା ଦିଅନ୍ତୁ. ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟ ସହ ଯୋଗାଯୋଗ କରନ୍ତୁ. |
| | Total No of Farmer : - 3646 Advisory Date :-6/28/2018 12:08:29 PM |
| 34 | ଲଙ୍କା ଫସଲରେ ଉକୁଣିଆ ପୋକର ନିଅନ୍ତ୍ରଣ ପାଇଁ ଏକର ପ୍ରତି ୩୦୦ ମି.ଲି.ଏଥିଅନ କିମ୍ବା ୪୦୦ ମି.ଲି. କାର୍ବୋସଲଫାନ କିମ୍ବା କ୍ଲୋରୋପାଇରୀଫସ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 5532 Advisory Date :-7/5/2018 11:59:59 AM |
| 35 | ସଅଳ କିସମ: ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନି, ଜୋର୍ତିମୟୀ, ସହଭାଗୀ ଧାନ ମଧ୍ୟମ କିସମ: ହିରଣ୍ମୟୀ, ପ୍ରତୀକ୍ଷା, ମନସ୍ୱିନି, ଏମ୍.ଟି.ୟୁ ୧୦୦୧, କୋଣାର୍କ, ନବୀନ, ଏମ୍.ଟି.ୟୁ ୧୦୧୦ ବିଳମ୍ବ କିସମ: ପୁଜା, ଜଗବନ୍ଧୁ, ମହାନଦୀ, ରାଣୀଧାନ |
| | Total No of Farmer : - 8199 Advisory Date :-7/5/2018 12:05:30 PM |
| 36 | ବୁଣାଧାନରେ ପାଇରାଜୋସଲଫୁରନ ଘାସମରା ଔଷଧ ଏକର ପ୍ରତି ୮ଗ୍ରାମ ୩୦୦ଲିଟର ପାଣିରେ ମିଶାଇ ଗଜା ହେବାର ୭ଦିନ ବେଳକୁ ସିଞ୍ଚନ କରନ୍ତୁ । ପରେ ୧୫ ରୁ ୨୦ ଦିନ ବେଳକୁ ବିସପାଇରିବାକ୍ ସୋଡିୟମ୍ ଏକର ପ୍ରତି ୮୦ମି.ଲି. ଘାସର ୨–୩ ପତ୍ର ଅବସ୍ଥାରେ ସିଞ୍ଚନ କରନ୍ତୁ |
| | Total No of Farmer : - 8197 Advisory Date :-7/6/2018 4:29:18 PM |
| 37 | ବାଇଗଣର ଫଳ ପଚା ରୋଗର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ. |
| | Total No of Farmer : - 5520 Advisory Date :-7/11/2018 4:37:31 PM |
| 38 | କ୍ଷୀର ଦେବା ଗାଇକୁ ୧ କି.ଗ୍ରା. ଦାନ ସହିତ ୫୦ ଗ୍ରାମ ଖଣିଜ ଲବଣ ଦିଅନ୍ତୁ. |

| | |
|---|---|
| | Total No of Farmer : - 3646 Advisory Date :-7/11/2018 4:25:05 PM |
| 39 | ତଳି ଘରାରେ ବାଦାମୀ ପତ୍ରଚିତା ରୋଗ ଓ ମହିଷା ରୋଗ ଦେଖାଦେଲେ ମାଙ୍କୋଜେବ ୭୫ ଡବ୍ଲୁ.ପି. ପାଣି ଲିଟର ପିଛା ୨.୫ଗ୍ରାମ ହିସାବରେ ସିଞ୍ଚନ କରନ୍ତୁ. ମହିଷା ରୋଗ ଅଧିକ ଦେଖାଦେଲେ ଟ୍ରାଇସାଇକଲାଜୋଲ ପାଣି ଲିଟର ପିଛା ୦.୬ ଗ୍ରାମ ହିସାବରେ ସିଞ୍ଚନ କରନ୍ତୁ. |
| | Total No of Farmer : - 8187 Advisory Date :-7/10/2018 5:28:48 PM |
| 40 | କ୍ଷୀର ଦେବା ଗାଇକୁ ୧ କି.ଗ୍ରା. ଦାନ ସହିତ ୫୦ ଗ୍ରାମ ଖଣିଜ ଲବଣ ଦିଅନ୍ତୁ. |
| | Total No of Farmer : - 3646 Advisory Date :-7/11/2018 4:25:05 PM |
| 41 | ବାଇଗଣର ଫଳ ପଚା ରୋଗର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ. |
| | Total No of Farmer : - 5520 Advisory Date :-7/11/2018 4:37:31 PM |
| 42 | ଧାନ ତଳିଘରାରେ ପ୍ରତି ୧୦ଡେସିମିଲ୍ ପାଇଁ ୬୦୦ଗ୍ରା ଫୋରେଟ୍ କିମ୍ବା ୧୨୦୦ଗ୍ରା କାର୍ବୋଫ୍ୟୁରାନ୍ ୩ଜି କିମ୍ବା କାର୍ଟାଫ ହାଇଡ୍ରୋକ୍ଲୋରାଇଡ୍ ୪ଜି ୮୦୦ଗ୍ରା ଦାନାଦାର ଔଷଧ ପ୍ରୟୋଗ କରନ୍ତୁ । ତଳି ୩ ସପ୍ତାହରୁ ଅଧିକ ହୋଇ ଯାଇଥିଲେ, ରୋଇ ଦିଅନ୍ତୁ. |
| | Total No of Farmer : - 84312 Advisory Date :-7/27/2018 3:18:21 PM |
| 43 | ରୁଆ ଧାନ ପାଇଁ ମୁଖ୍ୟ କିଆରୀ ପ୍ରସ୍ତୁତ କରନ୍ତୁ । ଶେଷ ଥର କାଦୁଅ କରିବା ପୂର୍ବରୁ ହେକ୍ଟର ପ୍ରତି ୫ ଟନ୍ ସଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସଫରସ୍ , ୪୦ କି.ଗ୍ରା ପଟାସ୍ ପ୍ରୟୋଗ କରନ୍ତୁ । |
| | Total No of Farmer : - 8198 Advisory Date :-8/3/2018 1:02:52 PM |
| 44 | ନରସେରୀ ପୋଖରୀକୁ ଶୁଖାଇ, ହଳକରି ୩-୪ ଫୁଟ ପାଣି ଭର୍ତି କରନ୍ତୁ. ସାର ହିସାବରେ ଏକର ପ୍ରତି ୩୦୦ କି.ଗ୍ରା. ଗୋବର, ୩୦ କି.ଗ୍ରା. ବାଦାମ ପିଡିଆ ଓ ୧୦ କି.ଗ୍ରା. ସୁପେର ସାରକୁ ମିଶାଇ ଯାଆଁଳା ଛାଡିବାର ୨ ଦିନ ପୂର୍ବରୁ ପ୍ରୟୋଗ କରନ୍ତୁ. |
| | Total No of Farmer : - 1407 Advisory Date :-8/3/2018 1:22:59 PM |
| 45 | ବାଇଗଣ, ଟମାଟୋ, ଲଙ୍କା ତଳି ଚେରକୁ ୧ଲି ପାଣିରେ ୧.୫ଗ୍ରାମ କାରବେଣ୍ଡଜିମ (ବାଭିଷ୍ଟିନ)+ ୧.୫ଗ୍ରାମ ପ୍ଲାଣ୍ଟମାଇସିନ+ ୧୦ଗ୍ରାମ କାର୍ବୋଫୁରାନ ଦ୍ରବଣରେ ୩ ଘଣ୍ଟା ବୁଡାଇ ରଖି ମୁଖ୍ୟ କିଆରୀରେ ଲଗାଇଲେ ଝାଉଁଳା ରୋଗ ହେବାର ସମ୍ଭାବନା କମିଥାଏ. |
| | Total No of Farmer : - 5531 Advisory Date :-8/3/2018 1:31:58 PM |
| 46 | ଅଧିକ ବର୍ଷା ଓ ବାୟୁମଣ୍ଡଳର ଆଦ୍ରତା ଅଧିକ ଥିବାରୁ ପନିପରିବାରେ ମୂଳ ପଚା ଲାଗିବାର ସମ୍ଭାବନା ଅଛି. ଏହାର ନିଅନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ରୀଡୋମିଲ କିମ୍ବା ୩ ଗ୍ରାମ କପର ଅକ୍ସିକଲୋରାଇଡ଼ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 5531 Advisory Date :-8/8/2018 4:41:52 PM |
| 47 | ଚିନାବାଦାମ ଓ ଡାଲି ଜାତୀୟ ଫସଲରେ ଜଉ ପୋକ ଦେଖାଦେଲେ ପ୍ରତି ୧୦ ଲିଟର ପାଣିରେ ୪ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ । |
| | Total No of Farmer : - 8187 Advisory Date :-8/8/2018 5:02:33 PM |
| 48 | ପାମାରୋଜା ଓ ଲେମ୍ବୁ ଘାସର ତଳି ଉପାଡି ଧାଡିକୁ ଧାଡି ୨ ଫୁଟ ଏବଂ ଗଛକୁ ଗଛ ୧.୫ ଫୁଟ ବ୍ୟାବଧାନରେ ନିଗିଡ଼ା ଜମିରେ ପଣି ତିଆରି କରି ଲଗାନ୍ତୁ. |
| | Total No of Farmer : - 8201 Advisory Date :-8/20/2018 4:07:25 PM |
| 49 | ଅଦା ଓ ହଳଦୀ ଚାଷ କରିଥିଲେ ଘାସ ବାଛନ୍ତୁ ଏବଂ କୋଡାଖୁସା କରି ସାର ଓ ଖତ ମିଶ୍ରଣ କରି ଦିଅନ୍ତୁ. |
| | Total No of Farmer : - 5531 Advisory Date :-8/20/2018 4:12:28 PM |

| | |
|---|---|
| 50 | ମକା ଫସଲରେ ଲେଡା ପୋକର ନିଅନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. ପ୍ରୋଫେନୋଫସ ୫୦% ଇ.ସି. କିମ୍ବା କଲୋରପାଇରିଫସ ୫୦% ଇ.ସି. + ସାଇପରମେଥ୍ରୀନ ୫୦% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ଅପରାନହରେ ସିଞ୍ଚନ କରନ୍ତୁ. |
| | Total No of Farmer : - 37454 Advisory Date :-8/23/2018 11:21:03 AM |
| 51 | ଧାନ କିଆରୀରେ ନଳୀ ପୋକ ପାଇଁ କିଆରୀର ଦୁଇ ପାଖରେ ଦୁଇ ଜଣ ଗୋଟିଏ ଲମ୍ବା ଦଉଡି ବା ବାଉଁଶ ସାହାଯ୍ୟରେ ଧାନ ଗଛକୁ ଜୋରରେ ଦୋହଲାଇ ଦେଲେ ନଳୀଗୁଡିକ ଝଡି ପଡିବ. ଏଗୁଡିକ ଏକାଠି କରି ନଷ୍ଟ କରି ଦିଆଯାଇପାରେ. |
| | Total No of Farmer : - 37440 Advisory Date :-8/28/2018 10:27:03 AM |
| 52 | ସଘନ ମାଛ ଚାଷରେ ଭାକୁର, ରୋହୀ, ମିରିକାଳୀ ୩:୪:୩ ଅନୁପାତରେ ଏକର ପ୍ରତି ୨୦୦ ଗୋଟି ମୁଣ୍ଡା ଯାଆଁଳା (୫୦ ଗ୍ରାମରୁ ୧୫୦ ଗ୍ରାମ) ପୋଖରୀରେ ଛାଡ଼ନ୍ତୁ. |
| | Total No of Farmer : - 3464 Advisory Date :-8/28/2018 10:38:15 AM |
| 53 | ସମ୍ଭାବିତ ବନ୍ୟା ପରିସ୍ଥିତିରେ ଗୃହପାଳିତ ପ୍ରାଣୀଙ୍କ ଆଶ୍ରୟ ପାଇଁ ଉଚ୍ଚ ଜାଗା ନିରୂପଣ କରିରଖନ୍ତୁ. ବନ୍ୟା ସମୟରେ ପ୍ରାଣୀମାନଙ୍କ ଖାଇବାପାଇଁ ଯଥେଷ୍ଟ ଖାଦ୍ୟ ମହଜୁଦ ରଖନ୍ତୁ. ବନ୍ୟା ପରବର୍ତୀ ରୋଗ ନ ବ୍ୟାପିବା ପାଇଁ ବ୍ଲିଚିଙ୍ଗ ପାଉଡର ରଖନ୍ତୁ. |
| | Total No of Farmer : - 11896 Advisory Date :-8/30/2018 12:02:49 PM |
| 54 | ମାଟିଆ ଗୁଣ୍ଡି ପୋକ ଦେଖାଯିବା ମାତ୍ରେ କିଆରୀରୁ ଜଳ ନିଷ୍କାସନ କରନ୍ତୁ. ଜବକ୍ଷାରଜାନ ସାର ପରିମାଣ ୬୦କି.ଗ୍ରା./ହେ. ମଧ୍ୟରେ ସୀମିତ ରଖନ୍ତୁ. ନିମ ତେଲର ବ୍ୟବହାର ସହ ପାଇମେଟରୋଜେନ ୩୦୦ ଗ୍ରାମ/ ହେ. ସିଞ୍ଚନ କରନ୍ତୁ. |
| | Total No of Farmer : - 37440 Advisory Date :-9/4/2018 1:03:16 PM |
| 55 | ଫସଲକୁ ନଳୀ ପୋକ ଦାଉରୁ ରକ୍ଷା କରିବା ପାଇଁ ୧ ଲିଟର ପାଣିରେ ୨ ମି.ଲି. କଲୋରୋପାଇରିଫସ କିମ୍ବା ପରୋଫେନୋଫସ ସିଞ୍ଚନ କରନ୍ତୁ. |
| | Total No of Farmer : - 37440 Advisory Date :-9/5/2018 10:11:31 AM |
| 56 | ବର୍ଷା ଦିନିଆ ଘାସ ଚାଷ କରି ଗୃହ ପାଳିତ ପଶୁମାନଙ୍କୁ ପର୍ଯ୍ୟାପ୍ତ ସବୁଜ ଘାସ ଦିଅନ୍ତୁ. ଗୁହାଳକୁ ସଫା ଓ ଶୁଖିଲା ରଖିବା ସହ ଚୂନ ଆଦି ଦ୍ୱାରା ଜୀବାଣୁମୁକ୍ତ କରନ୍ତୁ. |
| | Total No of Farmer : - 11896 Advisory Date :-9/5/2018 10:16:33 AM |
| 57 | ଅଭାବୀ ବର୍ଷା କାରଣରୁ ରୁଆ ଧାନରେ ଅନାବନା ଘାସର ପ୍ରାଦୁର୍ଭାବ ଅଧିକ ହୋଇଥାଏ. ଏହାର ନିୟନ୍ତ୍ରଣ ପାଇଁ ବିସପାଇରିବାକ ସୋଡ଼ିଅମ ଏକର ପିଛା ୧୨ ଗ୍ରାମ ଧାନ ରୋଇବାର ୨୦-୨୧ ଦିନ ବେଳକୁ ସିଞ୍ଚନ କରନ୍ତୁ. |
| | Total No of Farmer : - 37440 Advisory Date :-9/10/2018 12:34:40 PM |
| 58 | ପନିପରିବାରେ ପତ୍ର ପୋଡା ରୋଗର ଦମନ ପାଇଁ ୧ ଲିଟର ପାଣିରେ ୨ ଗ୍ରାମ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 22360 Advisory Date :-9/10/2018 12:49:53 PM |
| 59 | ମାଛ ଚାଷ କରୁଥିଲେ ପୋଖରୀରେ ଏକର ପିଛା ୧୦୦ କି.ଗ୍ରା. କଞ୍ଚା ଗୋବର ପ୍ରୟୋଗ କରନ୍ତୁ. ଏହାର ୫ ଦିନ ପରେ ଏକର ପିଛା ୩୦ କି.ଗ୍ରା. ଡି.ଏ.ପି. ସାର ପ୍ରୟୋଗ କରନ୍ତୁ. ଏହାର ୩ ଦିନ ପରେ ଯାଆଁଳା ଛାଡ଼ନ୍ତୁ. |
| | Total No of Farmer : - 3464 Advisory Date :-9/10/2018 12:57:28 PM |
| 60 | ଦିନ ଓ ରାତ୍ରିର ତାପମାତ୍ରାରେ ଅଧିକ ତାରତମ୍ୟ ଥିବାରୁ ପନିପରିବାରେ ଶୋଷକ ପୋକ ଲାଗିବାର ସମ୍ଭାବନା ଅଧିକ. ଏହାର ନିଅନ୍ତ୍ରଣ ପାଇଁ ୧୦ ଲିଟର ପାଣିରେ ୪ ମି.ଲି. ଇମିଡାକ୍ଲୋପ୍ରିଡ଼ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 22359 Advisory Date :-9/18/2018 1:29:59 PM |
| 61 | ମକା ଓ ହରଡ଼ରେ ଯଥା ଶୀଘ୍ର କୋଡାଖୁସା କରି ଶୀର୍ଷ ସାର ଦେଇ ମୂଳକୁ ମାଟି ଟେକି ଦିଅନ୍ତୁ. ଧାନ ଫସଲରେ ଥୋଡ ସାର (ଇଉରିଆ ସାର) ଦେଇ ୪୮ ଘଣ୍ଟା କିଆରୀରେ ପାଣି ବାନ୍ଧି ରଖନ୍ତୁ. |
| | Total No of Farmer : - 37449 Advisory Date :-9/18/2018 1:40:39 PM |

| | |
|---|---|
| 62 | ପୋଖରୀରେ ଦ୍ରବିଭୂତ ଅମ୍ଳଜାନ କମ ହୋଇ ମାଛ ପାକୁ ପାକୁ ହୋଇ ଭାସି ମରୁଥିଲେ ଏକର ପ୍ରତି ୫ ଫୁଟ ଜଳ ଗଭୀରତା ପାଇଁ ୨୫ କି.ଗ୍ରା. ଜିଓଲାଇଟକୁ ଏକ ବସ୍ତା ଶୁଖିଲା ବାଲିରେ ଗୋଳାଇ ପୋଖରୀରେ ସର୍ବତ୍ର ପ୍ରୟୋଗ କରନ୍ତୁ. |
| | Total No of Farmer : - 3463 Advisory Date :-9/18/2018 1:49:45 PM |
| 63 | ଧାନ ଫସଲରେ କାଣ୍ଡବିନ୍ଧା ପୋକ ଦେଖାଦେଲେ କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪% ଦାନାଦାର ହେକ୍ଟର ପ୍ରତି ୧୮.୭୫କି.ଗ୍ରା.ପ୍ରୟୋଗ କରନ୍ତୁ କିମ୍ବା ଟ୍ରାୟାଜୋଫସ + ଡେଲ୍ଟାମେଥଲିନ ୨ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ୭ଦିନ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ |
| | Total No of Farmer : - 37453 Advisory Date :-9/25/2018 10:28:23 AM |
| 64 | ଭେଣ୍ଡି ଫସଲରେ ସାହେବି ରୋଗର ନିରାକରଣ ପାଇଁ ଏକର ପ୍ରତି ୮୦ ଗ୍ରାମ ଥାୟୋମେଥୋକଯାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
| | Total No of Farmer : - 22359 Advisory Date :-9/25/2018 10:39:46 AM |
| 65 | ରୁଆ ଧାନରେ ପତ୍ରଛଦ ପୋଡା ରୋଗ ନିମିତ୍ତ ଥାଇଫ୍ଲୁଜୋମିଡ୍ / ଡ଼ିଫେନକୋନାଜୋଲ ୧ ମି.ଲି. ୧ ଲିଟର ପାଣିରେ ମିଶାଇ ଏକର ପିଛା ୨୦୦ ଲିଟର ପାଣି ସିଞ୍ଚନ କରନ୍ତୁ. |
| | Total No of Farmer : - 37439 Advisory Date :-9/29/2018 10:18:59 AM |
| 66 | ଚକଡା ପୋକର ପ୍ରାଦୁର୍ଭାବକୁ ଦମନ କରିବା ପାଇଁ ଫ୍ଲୋନିକାମାଇଡ୍ ୧୦ ଲିଟର ପାଣିରେ ୩ ଗ୍ରାମ କିମ୍ବା ପାଇମେଟରୋଜାଇନ ୧୦ ଲିଟର ପାଣିରେ ୬ ଗ୍ରାମ ହିସାବରେ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 37454 Advisory Date :-10/6/2018 2:59:31 PM |
| 67 | ଦିନ ଓ ରାତ୍ରିର ତାପମାତ୍ରାରେ ଅଧିକ ତାରତମ୍ୟ ଥିବାରୁ ପନିପରିବାରେ ଶୋଷକ ପୋକ ଲାଗିବାର ସମ୍ଭାବନା ଥାଏ. ଏହାର ନିୟଂତ୍ରଣ ପାଇଁ ୧୦ ଲିଟର ପାଣିରେ ୪ ମି.ଲି. ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 22371 Advisory Date :-10/6/2018 3:06:30 PM |
| 68 | ଧାନ ଫସଲରେ ମୂଳସଢା ରୋଗ ଦମନ ପାଇଁ କିଆରୀରୁ ପାଣି କାଟି ଦିଅନ୍ତୁ ଏବଂ ୧ ଲିଟର ପାଣିରେ ୨ ମି.ଲି. ହିସାବରେ ହେକସାକୋନାଜୋଲ କିମ୍ବା ଭାଲିଡାମାଇସିନ ପ୍ରୟୋଗ କରନ୍ତୁ. ସାମୟିକ ଭାବେ ୟୁରିଆ ସାରର ପ୍ରୟୋଗ ବନ୍ଦ କରନ୍ତୁ. |
| | Total No of Farmer : - 37440 Advisory Date :-10/12/2018 12:00:58 PM |
| 69 | ମାଛମାନଙ୍କୁ ଖାଦ୍ୟ ହିସାବରେ ବାଦାମ ପିଡିଆ ଓ ଧାନ ଗୁଣ୍ଡ ସମାନ ଅନୁପାତରେ (୧:୧) ମିଶାଇ ସମୁଦାୟ ମାଛ ଶରୀର ଓଜନର ୫-୨ ପ୍ରତିଶତ ହିସାବରେ ଦିଅନ୍ତୁ. ମେଘୁଆ ପାଗରେ ଆବଶ୍ୟକ ଅନୁଯାୟୀ ଖାଦ୍ୟକୁ କମାଇ ଦିଅନ୍ତୁ. |
| | Total No of Farmer : - 3464 Advisory Date :-10/12/2018 12:09:55 PM |
| 70 | ଗତ ଦୁଇ ଦିନର ପ୍ରବଳ ବର୍ଷା ହେତୁ ଠିଆ ଫସଲରେ ଜଳ ନିଷ୍କାସନ ସୁବିଧା କରନ୍ତୁ, ସଅଳ ରବି ପନିପରିବା ଓ ଅନ୍ୟାନ୍ୟ ଫସଲର ବୁଣାବୁଣି ଦେଖି ଚାହିଁ କରନ୍ତୁ. |
| | Total No of Farmer : - 70115 Advisory Date :-10/12/2018 12:56:13 PM |
| 71 | ମାଟିଆଗୁଣ୍ଡି ବା ଚକଡା ପୋକ ନିୟନ୍ତ୍ରଣ ପାଇଁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ ଓ ପ୍ରତି ୬ ଫୁଟ ବ୍ୟବଧାନରେ ପାହି ତିଆରି କରନ୍ତୁ. |
| | Total No of Farmer : - 37440 Advisory Date :-11/1/2018 11:12:31 AM |
| 72 | ଭେଣ୍ଡିରେ ଫୋଟକା ରୋଗ ଓ ଶୋଷକ ପୋକର ନିରାକରଣ ପାଇଁ ୧ ମି.ଲି. ଇଣ୍ଡୋକ୍ସାକାର୍ବ ପ୍ରତି ୧ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 22360 Advisory Date :-11/1/2018 11:50:55 AM |
| 73 | ଧାନରେ ବାଦାମୀଗୁଣ୍ଡି ପୋକ କିମ୍ବା ଧଳା ବା ସବୁଜ ପତ୍ରଡିଆଁ ପୋକ ଦେଖାଦେଲେ ଏକର ପିଛା ଇମିଡାକ୍ଲୋପ୍ରିଡ୍ ୧୭.୮ଏସ୍.ଏଲ୍. ୫୦ ମି.ଲି କିମ୍ବା ନିମ୍ବ ତେଲ ୫ ମି.ଲି ପ୍ରତି ଲିଟର ପାଣିରେ ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ. |

| | |
|---|---|
| | Total No of Farmer : - 37454 Advisory Date :-11/2/2018 10:39:56 AM |
| 74 | ପନିପରିବା ଓ ଡାଲିଜାତୀୟ ଫସଲରେ ଜଉ ପୋକ ଦେଖାଦେଲେ ଏକର ପ୍ରତି ୬୦ ଗ୍ରାମ ଇମିଡାକ୍ଲୋପ୍ରିଡ଼ ୧୭.୮% ଏସ୍.ଏଲ୍. କିମ୍ବା ଥାୟୋମେଥୋକଯାମ ୪୦ ଗ୍ରାମ କିମ୍ବା ଏସିଟାମିପ୍ରିଡ଼ ୨୦% ଏସ୍.ପି. ୫୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
| | Total No of Farmer : - 22371 Advisory Date :-11/5/2018 11:37:05 AM |
| 75 | ଗାଇ, ଛେଳି ଓ ମେଣ୍ଢା ଗୁହାଳକୁ ସନ୍ତସନ୍ତିଆ ହେବାରୁ ମୁକ୍ତ ରଖନ୍ତୁ, କାରଣ ଏହା ବିଭିନ୍ନ ରୋଗ ଯଥା: ଗାଇର ସ୍ତନହରା, ଛେଳିର ଖୁରସଢ଼ା, ମେଣ୍ଢାର ଚମଡା ଘା, ଦସିପୋକ ଆକ୍ରାନ୍ତ ରୋଗର ବାହକ ହୋଇଥାଏ. |
| | Total No of Farmer : - 11895 Advisory Date :-11/5/2018 11:57:09 AM |
| 76 | ଧାନର କ୍ଷୀର ଆସିବା ଅବସ୍ଥାରେ ଗନ୍ଧି ପୋକ ଦେଖାଦେଲେ ଏକର ପ୍ରତି କ୍ଲୋରୋପାଇରିଫସ ୧.୫% ଗୁଣ୍ଡ ୧୦ କି.ଗ୍ରା. ବିଞ୍ଚନ୍ତୁ କିମ୍ବା ମାଲାଥିଅନ ୫୦% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସକାଳ ସମୟରେ ସିଞ୍ଚନ କରନ୍ତୁ |
| | Total No of Farmer : - 37454 Advisory Date :-11/6/2018 12:10:39 PM |
| 77 | ବର୍ଷା ଛାଡିଗଲା ପରେ ମୁଗ, ବିରି, ହରଡ଼, ବରଗୁଡି ଆଦି ଫସଲରେ ପାଉଁଶିଆ ରୋଗ ଲାଗିଲେ, ଏହାର ନିରାକରଣ ପାଇଁ ଏକର ପ୍ରତି ସଲଫର ୮୦% ଡବ୍ଲୁ.ଜି. ୫୦୦ ଗ୍ରାମ କିମ୍ବା କାରବେଣ୍ଡଜିମ ୫୦% ଡବ୍ଲୁ.ପି. ୨୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 37440 Advisory Date :-11/15/2018 10:28:02 AM |
| 78 | ପନିପରିବା ଫସଲରେ ଝାଉଁଳା ରୋଗ ଲାଗିଲେ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ସହ ୨୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ମିଶାଇ ମୂଳ ଭାଗକୁ ସିଞ୍ଚନ କରନ୍ତୁ । |
| | Total No of Farmer : - 22360 Advisory Date :-11/15/2018 10:48:26 AM |
| 79 | ଶୀତ ଦିନ ଆରମ୍ଭରୁ ସମସ୍ତ ଗୃହପାଳିତ ପ୍ରାଣୀମାନଙ୍କୁ ସାହାଣୀ, ବଜବଜିଆ, ଫାଟୁଆ ଓ କୁକୁଡା ବସନ୍ତ ରୋଗର ପ୍ରତିଷେଧକ ଟୀକା ପ୍ରଦାନ କରନ୍ତୁ । |
| | Total No of Farmer : - 11895 Advisory Date :-11/15/2018 11:06:17 AM |
| 80 | ଧାନ ଫସଲରେ ବିଜାଣୁଜନିତ ପତ୍ରପୋଡ଼ା ରୋଗ (BLB ) ଦେଖାଦେଲେ ଏକର ପ୍ରତି କପର ଅକ୍ସିକ୍ଲୋରାଇଡ ୬୦୦ ଗ୍ରାମ + ଷ୍ଟ୍ରେପ୍ଟେ୍ାସାଇକ୍ଲିନ ୨୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ମିଶାଇ ସିଞ୍ଚନ କରନ୍ତୁ । |
| | Total No of Farmer : - 37440 Advisory Date :-11/22/2018 10:35:19 AM |
| 81 | କୋବି ଫସଲକୁ ଧୂଆଁ ଗୋଟି ପୋକର ଉପଦ୍ରବରୁ ରକ୍ଷା କରିବା ନିମନ୍ତେ ନିମ୍ବ ଯୁକ୍ତ ଔଷଧ ୫ ମି.ଲି. ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. ୭ ରୁ ୧୦ ଦିନ ଅନ୍ତରରେ ସ୍ପିନୋସାଡ଼ ୭ ମି.ଲି. ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. |
| | Total No of Farmer : - 22371 Advisory Date :-11/22/2018 10:45:28 AM |
| 82 | ପ୍ରତିଦିନ ବାଛୁରୀକୁ ୨୦-୨୫ ଗ୍ରାମ ଓ ବଡ଼ ବାଛୁରୀକୁ ୫୦ ଗ୍ରାମ ଖଣିଜ ଲବଣ ମିଶ୍ରଣ ଖାଦ୍ୟରେ ମିଶାଇ ଦେବା ଜରୁରୀ ଅଟେ. ଦୁଧିଆଳୀ ଗାଇକୁ ୧୦୦-୨୦୦ ଗ୍ରାମ ଦେଲେ ଭଲ. |
| | Total No of Farmer : - 11895 Advisory Date :-12/6/2018 10:53:08 AM |
| 83 | ଶୀତଦିନ ଆରମ୍ଭରୁ ପୋଖରୀରେ ୪୦ ଗ୍ରାମ ଚୁନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ଏକ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇନଥାଏ. |
| | Total No of Farmer : - 3464 Advisory Date :-12/6/2018 11:44:18 AM |
| 84 | ଚିନାବାଦାମ ଚାଷରେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଯାନ, ୧୬ କି.ଗ୍ରା. ପଟାସ ସାର ମୂଳ ସାର ଭାବେ ପ୍ରୟୋଗ କରନ୍ତୁ. ଧାଡିକୁ ଧାଡି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ. |
| | Total No of Farmer : - 37450 Advisory Date :-12/6/2018 11:54:45 AM |

| | |
|---|---|
| ୫5 | ଚିନାବାଦାମ ଚାଷ ପାଇଁ ଜମିରେ ବତର ଦେଖି ଶୀଘ୍ର ଜମି ପ୍ରସ୍ତୁତି କରନ୍ତୁ. ଶେଷ ଓଡ ହଳ ସମୟରେ ଏକର ପିଛା ୧୦୦ କି.ଗ୍ରା. ଜିପସମ ମାଟିରେ ପ୍ରୟୋଗ କରନ୍ତୁ. |
| | Total No of Farmer : - 37451 Advisory Date :-12/12/2018 11:07:04 AM |
| ୫6 | ଭେଣ୍ଡିରେ ଫଳବିନ୍ଧା ପୋକକୁ ଆୟତ୍ତ କରିବା ପାଇଁ ୧୫୦୦ ପି.ପି.ଏମ. ନିମ୍ବ ଜାତୀୟ କୀଟନାଶକ ଔଷଧ ଏକର ପିଛା ୬୦୦ ମି.ଲି. ସିଞ୍ଚନ କରନ୍ତୁ. |
| | Total No of Farmer : - 22371 Advisory Date :-12/12/2018 11:26:26 AM |
| ୫7 | ଆସନ୍ତା ୧୫ ତାରିଖ ବେଳକୁ ଝଡ ଓ ବର୍ଷାର ପୂର୍ବାନୁମାନ କରାଯାଇଛି । ତେଣୁ ୧) କଟାଯାଇ ନଥିବା ଧାନକୁ କାଟି ବିଡା କରି ଖଳାରେ ଟାରପୋଲିନ୍ ଘୋଡାଇ ସୁରକ୍ଷିତ ରଖନ୍ତୁ, ୨) ଶୁଖିଯାଇଥିବା ଧାନକୁ ତୁରନ୍ତ ବେଙ୍ଗଳା କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ । |
| | Total No of Farmer : - 37451 Advisory Date :-12/13/2018 11:33:38 AM |
| ୫୫ | ହରଡ ଫସଲରେ ଫଳବିନ୍ଧା ପୋକର ନିରାକରଣ ପାଇଁ ସ୍ପିନୋସାଡ ୪୫% ଏସ୍.ସି. ହେକ୍ଟର ପ୍ରତି ୧୨୫ ମି.ଲି. କିମ୍ବା ଏମାମେକ୍ଟିନ୍ ବେଞ୍ଜୋଏଡ ୫% ଏସ୍.ଜି. ୨୦୦ ଗ୍ରାମ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
| | Total No of Farmer : - 37440 Advisory Date :-12/17/2018 11:47:44 AM |
| ୫9 | ପନିପରିବା ଜମିରୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ । ରଞ୍ଜାରେ ମାଡିଥିବା ଲଟା ଜାତୀୟ ପନିପରିବାକୁ ସୁରକ୍ଷିତ ରଖିବା ପାଇଁ ଭଲଭାବରେ ବାନ୍ଧି ଦିଅନ୍ତୁ ଓ ରଞ୍ଜା ମୂଳକୁ ମାଟି ଦେଇ ଶକ୍ତ କରନ୍ତୁ । |
| | Total No of Farmer : - 22371 Advisory Date :-12/17/2018 11:58:46 AM |
| 90 | ତଳି ପଡିଯାଇଥିବା ଧାନ ଜମି ଓ ବୁଣା ଯାଇଥିବା ମୁଗ, ବିରି, ବୁଟ, ମଟର, କୋଳଥ ଆଦି ଡାଲି ଜାତୀୟ ଫସଲରୁ ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ । |
| | Total No of Farmer : - 37450 Advisory Date :-12/18/2018 10:42:59 AM |
| 91 | ପନିପରିବା ତଳିରେ ମୂଳପଚା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ମିଶାଇ ମାଟି ଓ ମୂଳରେ ସିଞ୍ଚନ କରନ୍ତୁ । |
| | Total No of Farmer : - 22360 Advisory Date :-1/3/2019 3:12:16 PM |
| 92 | ଶୁଖିଲା ପାଗର ସୁଯୋଗ ନେଇ ଅମଳ ହୋଇଥିବା ଧାନକୁ ୩-୪ ଦିନ ଖରାରେ ଶୁଖାଇ ସାଇତି ରଖନ୍ତୁ । |
| | Total No of Farmer : - 37452 Advisory Date :-1/3/2019 3:16:16 PM |
| 93 | ଧାନ ଅମଳ ପରେ ମଧ୍ୟମ ଓ ଖାଲୁଆ ଜମିରେ ମାଟିର ବତର ଥିବା ସମୟରେ ଚାଷ କରି ମୁଗ କିମ୍ବା ବିରି ଧାଡିରେ ବୁଣି ଦିଅନ୍ତୁ । |
| | Total No of Farmer : - 37451 Advisory Date :-1/5/2019 11:15:11 AM |
| 94 | ସ୍ତନହରା ରୋଗ ଠାରୁ ଗାଇକୁ ରକ୍ଷା କରିବା ପାଇଁ ପହ୍ନାରୁ ସମ୍ପୂର୍ଣ୍ଣ ରୂପେ କ୍ଷୀର ଦୁହିଁବା ଜରୁରୀ ଅଟେ । କ୍ଷୀର ଦୁହିଁବା ସମୟରେ ଗାଇକୁ କିଛି ଦାନା କିମ୍ବା ଘାସ ଖାଇବାକୁ ଦେବା ଉଚିତ୍ । |
| | Total No of Farmer : - 11895 Advisory Date :-1/15/2019 10:17:45 PM |
| 95 | ଫୁଲକୋବି ଫସଲରୁ ଅଧିକ ଅମଳ ଓ ମସୃଣ ଫୁଲ ପାଇବା ପାଇଁ ଚାରା ଲଗାଇବାର ୨୦ ଦିନ, ୩୫ ଦିନ ଓ ୫୦ ଦିନରେ ବୋରନ ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | Total No of Farmer : - 22370 Advisory Date :-1/15/2019 10:27:52 PM |
| 96 | ହରଡ ଫସଲରେ ଶୋଷକ କୀଟର ନିୟନ୍ତ୍ରଣ ପାଇଁ ଏକର ପ୍ରତି ଇମିଡାକ୍ଲୋପ୍ରିଡ ୧୦୦ ମି.ଲି. କିମ୍ବା ଥାୟୋମେଥୋକ୍ସାମ ୬୦ ଗ୍ରାମ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | Total No of Farmer : - 37454 Advisory Date :-1/15/2019 10:35:56 PM |